# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

**India's National Spiritual Newspaper**

₹ 10/-

1969 TO 2029 ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVIII    YEAR OF OUR LORD JESUS CHRIST, 2026 MAY    No.03


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

**(ହିତୋପଦେଶ ୩୧:୨୩-୩୧)**

୨୩ ତାହାର ସ୍ୱାମୀ ଦେଶୀୟ ପ୍ରାଚୀନମାନଙ୍କ ସଙ୍ଗେ ନଗର-ଦ୍ୱାରରେ ବସିବା ବେଳେ ଚିହ୍ନାଯାଏ ।

୨୪ ସେ ସୂକ୍ଷ୍ମବସ୍ତ୍ର ପ୍ରସ୍ତୁତ କରି ବିକ୍ରୟ କରେ, ପୁଣି ବଣିକମାନଙ୍କ ହସ୍ତରେ କଟିବନ୍ଧନ ସମର୍ପଣ କରେ ।

୨୫ ବଳ ଓ ଶୋଭା ତାହାର ବସ୍ତ୍ର ସ୍ୱରୂପ; ପୁଣି, ଭବିଷ୍ୟତକାଳ ବିଷୟରେ ସେ ହାସ୍ୟ କରେ ।

୨୬ ସେ ଜ୍ଞାନରେ ଆପଣା ମୁଖ ଫିଟାଏ; ତାହାର ଜିହ୍ୱାରେ ଦୟାର ବ୍ୟବସ୍ଥା ଥାଏ ।

୨୭ ସେ ଆପଣା ପରିବାରର ଆଚରଣରେ ମନୋଯୋଗ କରେ, ପୁଣି ଆଳସ୍ୟର ଆହାର ଖାଏ ନାହିଁ ।

୨୮ ତାହାର ସନ୍ତାନମାନେ ଉଠି ତାହାକୁ ଧନ୍ୟ ଧନ୍ୟ କହନ୍ତି ଓ ତାହାର ସ୍ୱାମୀ ହିଁ ତାହାକୁ (ଏରୂପ) ପ୍ରଶଂସା କରେ;

୨୯ ଅନେକ କନ୍ୟା ଗୁଣ ଦେଖାଇ ଅଛନ୍ତି, ମାତ୍ର ତୁମ୍ଭେ ସେସମସ୍ତଙ୍କ ଅପେକ୍ଷା ଶ୍ରେଷ୍ଠ ।

୩୦ ଲାବଣ୍ୟ ପ୍ରବଞ୍ଚନାଜନକ ଓ ସୌନ୍ଦର୍ଯ୍ୟ ଅସାର; ମାତ୍ର ଯେଉଁ ସ୍ତ୍ରୀ ସଦାପ୍ରଭୁଙ୍କୁ ଭୟ କରେ, ସେ ପ୍ରଶଂସିତା ହେବ ।

୩୧ ତାହାର ହସ୍ତର ଫଳ ତାହାକୁ ଦିଅ, ପୁଣି ତାହାର ନିଜ କର୍ମ ନଗର-ଦ୍ୱାରରେ ତାହାର ପ୍ରଶଂସା କରୁ ।

## ଆପଣଙ୍କର ନୀରବ ସହିଷ୍ଣୁତା ଈଶ୍ୱରଙ୍କ ପ୍ରତିଜ୍ଞାତ ଆନନ୍ଦ ମଧ୍ୟରେ ପ୍ରସ୍ଫୁଟିତ ହେବ !

**Your Silent Endurance Will Blossom Into God's Promised Joy!**

ଭଉଣୀ ଥାଙ୍ଗୋଲାଇନ୍



"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"ର ସମସ୍ତ ସଂପ୍ରସାରିତ ପରିବାର ସଦସ୍ୟମାନଙ୍କୁ ଆମର ତ୍ରାଣକର୍ତ୍ତା ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ ।

"ମାତୃଦିବସ" କେବଳ ଗୋଟିଏ ପାଳନୀୟ ଦିବସ ନୁହେଁ, ଏହା ସେହି ମହିଳାମାନଙ୍କୁ ସମ୍ମାନ ଦେଖାଇବାର ଓ ସ୍ୱୀକୃତି ଦେବାର ଏକ ବିଶେଷ ସମୟ ମଧ୍ୟ ଅଟେ, ଯେଉଁମାନେ ନୀରବରେ ସେମାନଙ୍କର ଦାୟିତ୍ୱ ନିର୍ବାହ କରନ୍ତି, ଅଭିଯୋଗ ବିନା ସବୁ କିଛି ସହ୍ୟ କରନ୍ତି ଓ ଅନ୍ୟମାନଙ୍କର ସ୍ୱପ୍ନକୁ ସଫଳ କରିବା ପାଇଁ ସେମାନଙ୍କ ନିଜର ସ୍ୱପ୍ନଗୁଡ଼ିକୁ ଏଡ଼ାଇ ଦିଅନ୍ତି ।

ଯେତେବେଳେ ମୁଁ "ମା" ଶବ୍ଦଟି କହେ, ସେତେବେଳେ ମୁଁ କେବଳ ସେହି ମହିଳାମାନଙ୍କୁ ଉଲ୍ଲେଖ କରେ ନାହିଁ ଯେଉଁମାନେ ସନ୍ତାନମାନଙ୍କୁ ପ୍ରସବ କରିଛନ୍ତି । ମୁଁ ସେହି ଆତ୍ମିକ ମାତାମାନଙ୍କୁ ଓ ଆଘାତପ୍ରାପ୍ତ ହେଲେ ମଧ୍ୟ ବିଶ୍ୱାସକୁ ଧରି ରଖିଥିବା, ପୋଷଣ କରୁଥିବା, ସୁରକ୍ଷା ଦେଉଥିବା ଓ ଅବାଞ୍ଛିତ ରଖିଥିବା ପ୍ରତ୍ୟେକ ନାରୀଙ୍କୁ ମଧ୍ୟ ସମ୍ମାନ ଜଣାଏ । ମୁଁ ସେହି ପିତାମାନଙ୍କୁ ମଧ୍ୟ ସ୍ୱୀକୃତି ଦିଏ ଯେଉଁମାନେ ଅନେକ ପରିବାରରେ ମା'ର ଭୂମିକା ଗ୍ରହଣ କରନ୍ତି ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




**ଆହ୍ୱାନର ପ୍ରତିଧ୍ୱନିର**

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (Marching towards 60th year)
Estd. 1969



## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Litt.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

### ''... ମୁଁ ପୁନରୁତ୍ଥାନ ଓ ଜୀବନ...''
(ଯୋହନ ୧୧:୨୫)

ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଆପଣମାନଙ୍କୁ ଅଭିବାଦନ ।

ଗତମାସରେ, ଅନେକ ଲୋକ ଆମ ସେବାକାର୍ଯ୍ୟ ମାଧ୍ୟମରେ ଆଶୀର୍ବାଦ ପାଇଥିଲେ ଓ ପାପ, ଦାରିଦ୍ର୍ୟ ଓ ରୋଗରୁ ଉଦ୍ଧାର ପାଇଥିଲେ । ଏହି ସେବାକାର୍ଯ୍ୟ ସହିତ ଯେଉଁମାନେ ପ୍ରତ୍ୟକ୍ଷରେ କିମ୍ବା ପରୋକ୍ଷରେ ଜଡ଼ିତ ରହିଛନ୍ତି, ସେମାନଙ୍କ ପ୍ରତ୍ୟେକଙ୍କୁ ପ୍ରଭୁ ଆଶୀର୍ବାଦ କରନ୍ତୁ । ପ୍ରଭୁ ଆମକୁ ଜଗତ ନିକଟରେ ତାଙ୍କର ଗୌରବ ପ୍ରକାଶ କରିବା ପାଇଁ ସୃଷ୍ଟି କରିଛନ୍ତି : ''ସେହି ଲୋକମାନଙ୍କୁ ଆମ୍ଭେ ଆପଣା ପ୍ରଶଂସା ବର୍ଣ୍ଣନା କରିବା ନିମନ୍ତେ ସୃଷ୍ଟି କରିଅଛୁ'' (ଯିଶାଇୟ ୪୩:୨୧) ।

ଯେଉଁମାନେ ତାଙ୍କ ନିମନ୍ତେ ପରିଶ୍ରମ କରୁଛନ୍ତି, ସେମାନଙ୍କ ନିମନ୍ତେ ପୁରସ୍କାର ଅପେକ୍ଷା କରୁଅଛି । ସଦାପ୍ରଭୁ ପ୍ରତିଜ୍ଞା କରିଛନ୍ତି, ''...ଆମ୍ଭେ ତୁମ୍ଭ ପରିବର୍ତ୍ତରେ ମନୁଷ୍ୟମାନଙ୍କୁ ଓ ତୁମ୍ଭ ପ୍ରାଣର ପରିବର୍ତ୍ତରେ ଗୋଷ୍ଠୀବର୍ଗଙ୍କୁ ଦେବା'' (ଯିଶାଇୟ ୪୩:୪) ।



ମୁଖ୍ୟ ଉପାସନାଳୟଠାରେ ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍) ତାଲିମ କାର୍ଯ୍ୟକ୍ରମ

ଯେଉଁମାନେ ଏହି ବର୍ଷ ଏପ୍ରିଲ-ମଇ ମାସରେ ଛୁଟୀ ଦିବସୀୟ ବାଇବଲ ସ୍କୁଲ ସେବାକାର୍ଯ୍ୟରେ ଜଡ଼ିତ ହେବେ, ସେମାନଙ୍କ ପାଇଁ ଆମର ମୁଖ୍ୟ ଉପାସନାଳୟଠାରେ, ୨୦୨୬ ମାର୍ଚ୍ଚ ୧୯ରେ ଏକ ''ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍)'' ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ମଣ୍ଡଳୀର ପ୍ରାୟ ୧୫୦ ଅଂଶ ଗ୍ରହଣକାରୀ ପ୍ରଶିକ୍ଷଣରେ ଯୋଗ ଦେଇଥିଲେ ଓ ବହୁଭାବରେ ଆଶୀର୍ବାଦ ପାଇଥିଲେ ।

ଏହି ପ୍ରକାର ପ୍ରସ୍ତୁତି-ତାଲିମ ଫଳରେ, ଛୁଟୀ ଦିବସୀୟ ବାଇବଲ ସ୍କୁଲ କାର୍ଯ୍ୟକ୍ରମ ଗୁଡ଼ିକ ଭାରତର ପିଲାମାନଙ୍କ ପାଇଁ ଭେଦଭାବ ବିନା ବିଭିନ୍ନ ମଣ୍ଡଳୀଗୁଡ଼ିକରେ ସୁଚାରୁ ରୂପେ ପରିଚାଳିତ ହୁଏ । ପିଲାମାନଙ୍କର ସେବାକାର୍ଯ୍ୟରେ ନିୟୋଜିତ ହୋଇଥିବା ସମସ୍ତ ମିଶନ, ମଣ୍ଡଳୀ ଓ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ପ୍ରାର୍ଥନା କରିବା ଓ ସହାୟତା ପ୍ରଦାନ କରିବା ଆମର କର୍ତ୍ତବ୍ୟ ଅଟେ । ''ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ ସେଥିରେ ଉଦ୍‌ଯୋଗୀ ହୁଅ'' (୨ ତୀମଥି ୪:୨) ।

ଛୁଟୀ ଦିବସୀୟ ବାଇବଲ ସ୍କୁଲ ଏକ ଶକ୍ତିଶାଳୀ ଉପକରଣ ଭାବରେ ପ୍ରମାଣିତ ହୋଇଛି । ଅନେକ ଭାରତୀୟ ଶିକ୍ଷାବିତ୍, ଉଦ୍ୟୋଗପତି ଓ ରାଜନୀତିଜ୍ଞ ସେମାନଙ୍କ ବାଲ୍ୟକାଳରେ ଛୁଟୀ ଦିବସୀୟ ବାଇବଲ

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

ସ୍କୁଲରେ ଯୋଗ ଦେଇଥିଲେ । ଯେଉଁମାନେ ସମର୍ପଣ, ପ୍ରେମ ଓ ଦର୍ଶନର ସହିତ ଛୁଟୀ ଦିବସୀୟ ବାଇବଲ ସ୍କୁଲ ସେବାକାର୍ଯ୍ୟରେ ସହଯୋଗ କରନ୍ତି, ସେମାନେ ନିଶ୍ଚୟ ଆମ ଦେଶର ଓ ପୃଥିବୀର ଭବିଷ୍ୟତ୍ ନିମନ୍ତେ ଏକ ଧାର୍ମିକ ପିଢ଼ୀ ଉତ୍ଥାପନ କରିବେ । ଏହି ଦାୟିତ୍ୱରେ ବିଫଳତା ଯୋଗୁ ଏକ ଭ୍ରଷ୍ଟ ଓ ସୁସମାଚାର ବିରୋଧୀ ସ୍ତରର ଉତ୍ଥାନ ଘଟିବ ।

ଦୟାକରି ଆମକୁ ପ୍ରାର୍ଥନାରେ ଧରି ରଖନ୍ତୁ ଯେପରିକି ପ୍ରଭୁ ଏହି ଆହ୍ୱାନମୂଳକ ସମୟରେ ଆମକୁ ଶକ୍ତି ଦେବେ ଓ ବିଜୟର ସହିତ ପ୍ରତ୍ୟେକ ପ୍ରତିବନ୍ଧକକୁ ଅତିକ୍ରମ କରିବାରେ ସାହାଯ୍ୟ କରିବେ ।

ଆମେ ନିରନ୍ତର ଅର୍ଥ ସହାୟତା, ସମର୍ପିତ କାର୍ଯ୍ୟକାରୀ, ଏକ ଅନୁକୂଳ ରାଜନୈତିକ ପରିବେଶ ଓ ତାଙ୍କର ବିଶେଷ ଅଭିଷେକ ଓ ଆଶୀର୍ବାଦ ଭଳି ବିଷୟଗୁଡ଼ିକରେ, ପ୍ରଭୁଙ୍କର ସାହାଯ୍ୟକୁ ଚାହିଁ ରହୁ ।

ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍ଭାରାଜ

E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଆପଣମାନଙ୍କ ପ୍ରତ୍ୟେକଙ୍କୁ ଗୋଟିଏ ଅତି ଆନନ୍ଦମୟ ଓ ଆଶୀର୍ବାଦପୂର୍ଣ୍ଣ ''ମାତୃଦିବସ'' ପାଇଁ ଶୁଭେଚ୍ଛା ଜଣାଉଅଛି ।

## ଜଣେ ମାତା ଭାବରେ ଈଶ୍ୱର

ବାଇବଲ ପ୍ରାୟତଃ, ଈଶ୍ୱରଙ୍କୁ ଏକ ପିତା ଭାବରେ ଉଲ୍ଲେଖ କରିଛି । କିନ୍ତୁ, ଏହା ଏକ ମାତାର ଦୃଷ୍ଟାନ୍ତ ମାଧ୍ୟମରେ ଈଶ୍ୱରଙ୍କର କୋମଳ, ପ୍ରତିପାଳନକାରୀ ଓ ଦୟାଳୁ ସ୍ୱଭାବକୁ ମଧ୍ୟ ପ୍ରକାଶ କରିଅଛି ।



- ଯେପରି ଜଣକୁ ତାହାର ମାତା ସାନ୍ତ୍ୱନା କରେ, ସେହିପରି ଆମ୍ଭେ ତୁମ୍ଭମାନଙ୍କୁ ସାନ୍ତ୍ୱନା କରିବା...'' (ଯିଶାଇୟ ୬୬:୧୩) ।
- ଈଶ୍ୱରଙ୍କୁ ଏକ ସ୍ତନ୍ୟପାନ କରାଇବା ଦ୍ୱାରା ଶିଶୁର ଯତ୍ନ ନେଉଥିବା ଏକ ମାତା ଭାବରେ ଚିତ୍ରିତ କରାଯାଇଛି (ଯିଶାଇୟ ୬୬:୧୧) ।
- ନିଜର ଶାବକଗୁଡ଼ିକୁ ସୁରକ୍ଷା ଦେଉଥିବା ଏକ ହିଂସ୍ର ମା' ଭଲୁକୀ ସହିତ ଈଶ୍ୱରଙ୍କୁ ତୁଳନା କରାଯାଇ ତାଙ୍କର ସୁରକ୍ଷାକାରୀ ପ୍ରେମର ପ୍ରଦର୍ଶନ କରାଯାଇଛି (ହୋଶେୟ ୧୩:୮) ।
- ଜଣେ ମା' ନିଜର ଶିଶୁକୁ ପାସୋରି ପାରେ, ମାତ୍ର ଈଶ୍ୱର ଆଦୌ ତାଙ୍କ ଲୋକମାନଙ୍କୁ ପାସୋରିବେ ନାହିଁ ବୋଲି ଘୋଷଣା କରିଛନ୍ତି (ଯିଶାଇୟ ୪୯:୧୫) ।
- କୁକ୍କୁଡ଼ୀ ଯେପରି ପକ୍ଷ ତଳେ ଆପଣା ଶାବକମାନଙ୍କୁ ଏକତ୍ର କରେ, ସେହିପରି ଈଶ୍ୱର ନିଜ ଲୋକମାନଙ୍କୁ ନିଜ ପକ୍ଷ ତଳେ ଏକତ୍ରିତ କରିବାକୁ ଓ ସୁରକ୍ଷା ଦେବାକୁ ଇଚ୍ଛା କରନ୍ତି (ମାଥିଉ ୨୩:୩୭) ।

ଏହି ଅନୁଚ୍ଛେଦଗୁଡ଼ିକ ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଈଶ୍ୱରଙ୍କ ପ୍ରେମ ମଧ୍ୟରେ ଉଭୟ ଜଣେ ପିତାର ଶକ୍ତି ଓ ଜଣେ ମାତାର କୋମଳତା ଅନ୍ତର୍ଭୁକ୍ତ ଅଟେ । ଆମେ ଈଶ୍ୱରଙ୍କର ସେହି ଯତ୍ନକାରୀ ଓ ପ୍ରତିପାଳନକାରୀ ଗୁଣ ବିଷୟରେ କହିବା ଅବ୍ୟାହତ ରଖୁପାରିବା, ଯାହା ନିଜର ସନ୍ତାନମାନଙ୍କ ପ୍ରତି ତାଙ୍କର ଉଦାର ଓ ଦୟାଳୁ ହୃଦୟକୁ ପ୍ରକାଶ କରେ ।

## ସାରା ହସିଥିଲେ

ଧର୍ମଶାସ୍ତ୍ରରେ ଉଲ୍ଲିଖିତ ପ୍ରତ୍ୟେକ ମା' ଏପରି ଏକ ସମୟର ଅନୁଭୂତି ପାଇଥିଲେ ଯେଉଁବେଳେ ଈଶ୍ୱର ଏକ ଅସାଧାରଣ ପ୍ରତିଜ୍ଞା ସହିତ ସେମାନଙ୍କର ସାଧାରଣ ଜୀବନଧାରା ମଧ୍ୟରେ ପ୍ରବେଶ କରିଥିଲେ । ସାରାଙ୍କ ପାଇଁ ସେହି ମୁହୂର୍ତ୍ତ ତାଙ୍କ ତମ୍ବୁର ପ୍ରବେଶ ସ୍ଥାନରେ ଆସିଥିଲା ।

ବାଇବଲର ଆଦିପୁସ୍ତକ ୧୮:୧୨ରେ ଲେଖାଯାଇଛି :

''ଏ ନିମନ୍ତେ ସାରା ହସି ମନେ ମନେ କହିଲେ, ମୋହର ଏହି ଶୀର୍ଣ୍ଣାବସ୍ଥାରେ କି ଏରୂପ ଆନନ୍ଦ ହେବ ? ବିଶେଷରେ, ମୋହର ପ୍ରଭୁ ମଧ୍ୟ ବୃଦ୍ଧ ।''

ଈଶ୍ୱର ସେହି ମୁହୂର୍ତ୍ତକୁ ଦେଖୁଥିଲେ । ସେହିପରି ଅବ୍ରହାମ ମଧ୍ୟ ସେଉଁବେଳେ ହସିଥିଲେ ଯେଉଁବେଳେ ଈଶ୍ୱର ତାଙ୍କୁ ଏକ ସନ୍ତାନ ଦେବେ ବୋଲି ପ୍ରତିଜ୍ଞା କରିଥିଲେ । ଆଦିପୁସ୍ତକ ୧୭:୧୭ରେ ଲେଖାଅଛି :

''ସେତେବେଳେ ଅବ୍ରହାମ ମୁହଁ ମାଡ଼ି ପଡ଼ି ହସିଲେ, ପୁଣି ମନେ ମନେ କହିଲେ, ପୁରୁଷର ଶହେ ବର୍ଷ ବୟସରେ କି ସନ୍ତାନ ଜାତ ହେବ ? ନବେ ବର୍ଷ ବୟସ୍କା ସାରା କି ପ୍ରସବ କରିବ ?''

ଯଦିଓ ସେମାନେ ଉଭୟେ ସେହି ସମାନ ପ୍ରତିଜ୍ଞା ଶୁଣି ହସିଥିଲେ, ତଥାପି ସେମାନଙ୍କର ହାସ୍ୟ ପ୍ରତି ଈଶ୍ୱରଙ୍କର ପ୍ରତ୍ୟୁତ୍ତର ଭିନ୍ନ ଥିଲା । ଏଠାରେ ମୁଁ ସାରାଙ୍କର ହାସ୍ୟ ଉପରେ ଦୃଷ୍ଟି ନିବଦ୍ଧ କରିବାକୁ ଚାହୁଁଛି ।

ସାରା ହସିବା ପରେ, ଈଶ୍ୱର ତାଙ୍କୁ ଏକ ପ୍ରଭାବକାରୀ ପ୍ରଶ୍ନ ପଚାରିଥିଲେ :

''ସଦାପ୍ରଭୁଙ୍କର ଆଶ୍ଚର୍ଯ୍ୟ କେଉଁ କର୍ମ ?'' (ଆଦି ୧୮:୧୪) ।

କେତେ ଉଦାର ଭାବବାଣୀଯୁକ୍ତ ଓ ଆଳଙ୍କାରିକ ପ୍ରଶ୍ନ ! ଏହା କେବଳ ଏକ ପ୍ରଶ୍ନ ନୁହେଁ, ମାତ୍ର ଈଶ୍ୱରଙ୍କର ଅସୀମ ଶକ୍ତି ଓ ସାର୍ବଭୌମତ୍ୱ ସମ୍ବନ୍ଧୀୟ ଏକ ଶକ୍ତିପୂର୍ଣ୍ଣ ଘୋଷଣା ଅଟେ ।

ଏଠାରେ ଆମେ ଏହି ବିଷୟକୁ ଲକ୍ଷ୍ୟ କରିବା ଉଚିତ୍ :

- ସାରା ହସିଲେ ।
- ଉଚ୍ଚସ୍ୱରରେ ନୁହେଁ ।
- ନୀରବରେ, ନିଜ ମନ ଭିତରେ ।




# ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟ୍ସଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍ଏମ୍ଏସ୍/ହ୍ୱାଟ୍ସଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ତଥାପି, ଈଶ୍ୱର ଏହାକୁ ଶୁଣିଥିଲେ ।

ଏହି ବାର୍ତ୍ତା ଶାରୀରିକ ଭାବେ ଜନ୍ମ ଦେଇଥିବା, ପୋଷ୍ୟ ଭାବେ ଗ୍ରହଣ କରିଥିବା, ଆତ୍ମିକ ଭାବରେ ଶିକ୍ଷିତ କରିଥିବା ସେହି ପ୍ରତ୍ୟେକ ମା' ପାଇଁ ଉଦ୍ଦିଷ୍ଟ : କାରଣ ସେଭଳିମାନେ ଅପେକ୍ଷା କରୁଛନ୍ତି, ଦୁଃଖିତ ଅଛନ୍ତି କିମ୍ବା ଏପର୍ଯ୍ୟନ୍ତ ବିଶ୍ୱାସ କରୁଛନ୍ତି ।

- ସେମାନେ ବାହାରେ ହସୁଥିଲେ ମଧ୍ୟ ଲୁକ୍କାୟିତ ଅଶ୍ରୁକୁ ବହନ କରୁଛନ୍ତି ।
- ସେମାନେ ସେମାନଙ୍କ ହୃଦୟରେ ନୀରବ ନୈରାଶ୍ୟ ଧାରଣ କରୁଛନ୍ତି ।
- ସେମାନେ ବୟସ, ସମୟ କିମ୍ବା ଯନ୍ତ୍ରଣା ଯୋଗୁ ସେମାନଙ୍କର ସ୍ୱପ୍ନକୁ ଏଡ଼ାଇ ଦେଉଛନ୍ତି ।
- ସେମାନେ ଅଦେଖା, ବିସ୍ମୃତ କିମ୍ବା ହୁଏତ "ଅତି ବିଳମ୍ବ" ବୋଲି ଅନୁଭବ କରୁଛନ୍ତି ।

ଈଶ୍ୱରଙ୍କର ପ୍ରିୟ ସନ୍ତାନମାନେ, ପ୍ରଭୁ ଜଣେ ମା' ହୃଦୟର ଲୁକ୍କାୟିତ ସ୍ଥାନ ଗୁଡ଼ିକର ପ୍ରତିକାର କରିବା ପାଇଁ ଇଚ୍ଛା କରନ୍ତି – ସେଗୁଡ଼ିକୁ ପ୍ରକାଶ କରିବା ପାଇଁ ନୁହେଁ, ମାତ୍ର ସେଗୁଡ଼ିକୁ ସୁସ୍ଥ କରିବା ପାଇଁ ଓ ପୁନରୁଦ୍ଧାର କରିବା ପାଇଁ ।

## ୧. ମା'ମାନେ ନୀରବରେ ହସନ୍ତି ।

ଆଦିପୁସ୍ତକ ୧୮:୧୨ରେ ଲେଖାଅଛି, "... ସାରା ହସି ମନେ ମନେ କହିଲେ ...।"

ମା'ମାନେ ନୀରବରେ ହସିବାରେ ଦକ୍ଷ ଅଟନ୍ତି । ଆମେ କ୍ୱଚିତ୍ ଆମର ଅତି ଗଭୀର ଆବେଗଗୁଡ଼ିକୁ ପ୍ରକାଶ କରୁ କିମ୍ବା ଅନ୍ୟମାନଙ୍କୁ ଜଣାଉ । ଏହା ପରିବର୍ତ୍ତେ, ଆମେ ପ୍ରାୟ କହୁ :

◈ "ମୁଁ ଠିକ୍ ଅଛି" – ମାତ୍ର ପ୍ରକୃତରେ ଆମେ ସଂପୂର୍ଣ୍ଣ ଭାବରେ କ୍ଲାନ୍ତ ହୋଇଯାଇଥାଉ ।

◈ "ମୁଁ ଭଲ ଅଛି" – ମାତ୍ର ଆମେ ପ୍ରକୃତରେ ଗଭୀର ଆଘାତ ପାଇଥାଉ ।

◈ "ମୁଁ ଆଗକୁ ବଢ଼ିବି" – ପ୍ରକୃତରେ ଆମେ ସେ ପର୍ଯ୍ୟନ୍ତ ଅପେକ୍ଷା କରୁଥାଉ ।

◈ "ମୁଁ କାହାରିକୁ ଆବଶ୍ୟକ କରେ ନାହିଁ" – ମାତ୍ର ଆମର ହୃଦୟ ଏହା ଚାହୁଁଥାଏ ।

ବୋଧହୁଏ ସେଥିପାଇଁ ଲୋକମାନେ ପ୍ରାୟ କହନ୍ତି ସେ ନାରୀମାନଙ୍କୁ ବୁଝିବା କଷ୍ଟକର ଅଟେ । ଏଠାରେ ସାରାଙ୍କ ହସ ଥିଲା –

- ନୈରାଶ୍ୟର ହସ
- ବିଳମ୍ବ ଜନିତ ହସ
- ଯନ୍ତ୍ରଣା ଜନିତ ହସ
- ଆତ୍ମ-ସୁରକ୍ଷାର ହସ ।

ତାଙ୍କର ହାସ୍ୟ ବର୍ଷ ବର୍ଷର ଦୁଃଖ ଓ ନୈରାଶ୍ୟ ଦ୍ୱାରା ଗଠିତ ହୋଇଥିଲା । ସେହି ସମାଲୋଚନାପୂର୍ଣ୍ଣ ଚକ୍ଷୁ, ତୀକ୍ଷ୍ଣ ଓ ନିନ୍ଦାସୂଚକ କଥା ଓ ତାଙ୍କର ପରିସ୍ଥିତିକୁ ସର୍ବଦା ଆଧ୍ୟାତ୍ମିକତା ସହିତ ଯୋଡ଼ି ତାଙ୍କୁ ଅଭିଶପ୍ତ ବୋଲି ନାମିତ କରିବା ନିଶ୍ଚୟ ବର୍ଷ ବର୍ଷ ଧରି ତାଙ୍କ ହୃଦୟକୁ ଧୀରେ ଧୀରେ କଠିନ କରି ଦେଇଥିବ ଓ ସେ ମାନସିକଭାବେ ଶୀତଳ ଓ ଉଦାସୀନ ହୋଇ ଯାଇଥିବେ ।

ସେଥିପାଇଁ ଯେତେବେଳେ ସେ ଦିନେ ଜଣେ ମା' ହେବେ ବୋଲି ଶେଷରେ ଈଶ୍ୱରଙ୍କର ପ୍ରତିଜ୍ଞା ଶୁଣିଲେ, ସେତେବେଳେ ଆନନ୍ଦିତ ହେବା ପାଇଁ ତାଙ୍କ ହୃଦୟରେ କିଛି ଅବଶିଷ୍ଟ ରହିଥିଲା ବୋଲି ମୁଁ ବିଶ୍ୱାସ କରେ ନାହିଁ ।

କେବଳ ମା' ମାନେ ନୁହଁନ୍ତି, ଆମ ମଧ୍ୟରୁ ଅନେକ ଲୋକ ମଧ୍ୟ ଈଶ୍ୱରଙ୍କୁ ସନ୍ଦେହ କରୁଥିବାରୁ ନୁହେଁ, ମାତ୍ର ଆମ ହୃଦୟକୁ ସୁରକ୍ଷିତ ରଖୁଥିବାରୁ ଏହି ସମାନ ନୀରବ ମାର୍ଗରେ ହସିଥାଉ ।

ତଥାପି ଏଠାରେ ଏକ ସୁନ୍ଦର ସତ୍ୟ ରହିଛି : ଈଶ୍ୱର ସେହି ହସକୁ ଶୁଣିଥିଲେ ।

ଏହା ଘଟିବା ସମୟରେ, ସାରା ତମ୍ବୁ ଭିତରେ ଥିଲେ । ତାଙ୍କର ହାସ୍ୟ ଲୁକ୍କାୟିତ ଥିଲା, ମନୁଷ୍ୟ ଚକ୍ଷୁର ବାହାରେ ଥିଲା, ମାତ୍ର ଈଶ୍ୱର ତଥାପି ଏହାକୁ ଦେଖିଥିଲେ ଓ ଶୁଣିଥିଲେ ।

ପୁଣି ଯେତେବେଳେ ଈଶ୍ୱର ଆମ ଜୀବନର ଏହିପରି ସମୟଗୁଡ଼ିକର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେ ଆମକୁ ଲଜ୍ଜା ଦିଅନ୍ତି ନାହିଁ – ମାତ୍ର ଆମକୁ ସୁସ୍ଥ କରନ୍ତି ।

## ୨. ଈଶ୍ୱର ଜଣେ ମା'ର ସନ୍ଦେହକୁ ପ୍ରଶ୍ନ କରନ୍ତି

ଅବ୍ରହାମ୍‌ଙ୍କର ହସ ଓ ସାରାଙ୍କର ହସ ମଧ୍ୟରେ ଏକ ତୀକ୍ଷ୍ଣ ପାର୍ଥକ୍ୟ ଅଛି । ଅବ୍ରହାମ ସେହି ସମ୍ବାଦକୁ ଶୁଣି ବିସ୍ମୟରେ ଓ ଆନନ୍ଦରେ ଅଭିଭୂତ ହୋଇ ହସିଥିଲେ । କିନ୍ତୁ, ସାରା ଯନ୍ତ୍ରଣା ଓ ନୈରାଶ୍ୟ ଯୋଗୁ ହସିଥିଲେ ।

ଈଶ୍ୱର ସାରାଙ୍କୁ ପଚାରିଥିଲେ, "...ସାରା କାହିଁକି ହସିଲା ?"

ସେ କାହିଁକି ହସିଥିଲେ, ତାହା ଈଶ୍ୱର ଜାଣି ନ ଥିଲେ ବୋଲି ଆପଣ ଭାବୁଛନ୍ତି କି ? ସେ ତାଙ୍କର ଯନ୍ତ୍ରଣା ବୁଝି ନ ଥିଲେ ବୋଲି ଆପଣ ଭାବୁଛନ୍ତି କି ?

ନୂତନ ନିୟମରେ ମଧ୍ୟ ଯେତେବେଳେ ଯୀଶୁ ଖ୍ରୀଷ୍ଟ ଜଣେ ଅନ୍ଧ ଲୋକକୁ ସୁସ୍ଥ କରିବାକୁ ଯାଉଥିଲେ, ସେତେବେଳେ ସେ ଏକ ସମାନ ପ୍ରକାରର ପ୍ରଶ୍ନ ପଚାରିଥିଲେ । ମାର୍କ ୧୦:୫୧ରେ ସେ କହିଥିଲେ, "ମୁଁ ତୁମ୍ଭ ପାଇଁ କଅଣ କରିବି ବୋଲି ତୁମ୍ଭେ ଇଚ୍ଛା କରୁଅଛ ?" ... ସେହି ଅନ୍ଧ ଲୋକଟି ଉତ୍ତର ଦେଇଥିଲା, "ହେ ଗୁରୁ, ମୁଁ ଯେପରି ଦୃଷ୍ଟି ପାଏ ।" ସେ, ସମ୍ଭବତଃ, ଆଉ କ'ଣ ମାଗି ପାରିଥା'ନ୍ତା ?

ଈଶ୍ୱର ସେ ଜାଣନ୍ତି ନାହିଁ, ସେଥିପାଇଁ ନୁହେଁ, ମାତ୍ର କେବେ ବେଳେ କିମ୍ବା କିପରି ଅବିଶ୍ୱାସ ଧୀରେ ଧୀରେ ଆମ ହୃଦୟରେ ବସା ବାନ୍ଧିଯାଏ, ତାହା ସାରାଙ୍କ ଭଳି ଆମେ ଉପଲବ୍ଧି କରି ପାରୁ ନ ଥିବାରୁ, ସେ ଆମକୁ ଏହିପରି ପ୍ରଶ୍ନସବୁ ପଚାରନ୍ତି ।

ଈଶ୍ୱର ସଙ୍ଗେ ସଙ୍ଗେ ସାରାଙ୍କୁ ପଚାରିଥିଲେ,

"... ଆପଣାର ବୃଦ୍ଧାବସ୍ଥାରେ କି ନିଶ୍ଚୟ ସନ୍ତାନ ଜନ୍ମିବ, ଏହା ଭାବି ସାରା କାହିଁକି ହସିଲା ?" (ଆଦିପୁସ୍ତକ ୧୮:୧୩) ।

ତାଙ୍କର ଭର୍ତ୍ସନା ଦଣ୍ଡ ନ ଥିଲା – ଏହା ପୁନଃ ଜାଗରଣକାରୀ ଥିଲା । ବେଳେବେଳେ ଜଣେ ମା'ର ବିଶ୍ୱାସକୁ ପୁନର୍ଜୀବିତ କରିବା ପାଇଁ ଈଶ୍ୱରଙ୍କୁ ତାହାର ବିରୋଧ କରିବାକୁ ହୁଏ ।

ପ୍ରିୟ ବନ୍ଧୁଗଣ, ଈଶ୍ୱର ଆମକୁ ନିମ୍ନଲିଖିତ କାରଣ ପାଇଁ ପ୍ରଶ୍ନ କରନ୍ତି ବୋଲି ମନେରଖନ୍ତୁ :

- ଯେଉଁ ସନ୍ତାନ ପାଇଁ ଆମେ ଏପର୍ଯ୍ୟନ୍ତ ପ୍ରାର୍ଥନା କରୁଅଛୁ ।
- ଯେଉଁ ପ୍ରତିଜ୍ଞାକୁ ବିଶ୍ୱାସ କରିବା ଆମେ ବନ୍ଦ କରି ଦେଇଛୁ ।
- ଯେଉଁ ପରିଚୟରେ ବିଶ୍ୱାସ କରିବା ଆମେ ବନ୍ଦ କରି ଦେଇଛୁ ।
- ଯେଉଁ ସ୍ୱପ୍ନଗୁଡ଼ିକୁ ଆମେ ହରାଇ ଦେଇଛୁ ।
- ସେ ଗୋଟିଏ ରୁଦ୍ଧ ଗର୍ଭାଶୟକୁ ଜାଗ୍ରତ କରୁଥିଲେ ।

ସେ କ୍ରମଶଃ ଜଡ଼ ହୋଇ ଯାଉଥିବା ଏକ ବିଶ୍ୱାସକୁ ପୁନର୍ଜୀବିତ କରୁଥିଲେ ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ମଇ ୧୯ ରୁ ଜୁନ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ମଇ ୧୯ ⇨ ଆମର ମିଶନ କାର୍ଯ୍ୟକାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଗଭୀର ସମର୍ପଣ ନିମନ୍ତେ ।

ମଇ ୨୦ ⇨ ଆମ କାର୍ଯ୍ୟକାରୀମାନଙ୍କର ପରିବାରଗୁଡ଼ିକ ଉପରେ ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ମଇ ୨୧ ⇨ ବିଶୃଙ୍ଖଳା ଓ ଯୁଦ୍ଧ ଭୟ ମଧ୍ୟରେ ସମସ୍ତ ଦେଶଗୁଡ଼ିକ ଉପରେ ତାଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ମଇ ୨୨ ⇨ ରାଜନୈତିକ ଓ ଧର୍ମୀୟ ବିରୋଧ ସତ୍ତ୍ୱେ, ଆମ ଖ୍ରୀଷ୍ଟୀୟ ସେବାକାର୍ଯ୍ୟର ଅଭିବୃଦ୍ଧି ଓ ପରିଶ୍ରମ ନିମନ୍ତେ ।

ମଇ ୨୩ ⇨ ସମାଜର ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କର ଉନ୍ନତି ଓ ସଶକ୍ତିକରଣ ନିମନ୍ତେ ।

ମଇ ୨୪ ⇨ ସମର୍ପିତ କାର୍ଯ୍ୟକାରୀମାନଙ୍କ ଦ୍ୱାରା ଆମ ସୁସମାଚାର ଛାପାକଳର ନିରବଚ୍ଛିନ୍ନ ଓ ସୁଚାରୁ ପରିଚାଳନା ନିମନ୍ତେ ।

ମଇ ୨୫ ⇨ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ ଦେଇଥିବା ନୂତନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ।

ମଇ ୨୬ ⇨ ଆମ ନିହିମିୟା ବାଇବଲ କଲେଜରେ କାର୍ଯ୍ୟରତ ଉତ୍ସର୍ଗୀକୃତ ଓ ସମର୍ପିତ ଅଧ୍ୟାପକମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ମଇ ୨୭ ⇨ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅନୁଷ୍ଠିତ ହେଉଥିବା ରବିବାର ଉପାସନା ନିମନ୍ତେ ।

ମଇ ୨୮ ⇨ ଆମର ବାଇବଲ କରେସ୍‌ପଣ୍ଡେନ୍ସ କୋର୍ସ (ବାଇବଲ କୋର) ଓ ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମର ଅଗ୍ରଗତି ନିମନ୍ତେ ।

ମଇ ୨୯ ⇨ ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ କ୍ଷତିରୁ ସୁରକ୍ଷା ଦେଇଥିବାରୁ ।

ମଇ ୩୦ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକର ସମସ୍ତ ସଦସ୍ୟଙ୍କୁ ଆଶୀର୍ବାଦ କରିଥିବାରୁ ।

ମଇ ୩୧ ⇨ ଆମର ସମସ୍ତ ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀ, ଅନୁରୋଧ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକୁ ଈଶ୍ୱର ଦୟା କରିଥିବାରୁ ।

ଜୁନ ୧ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ସମସ୍ତ ଛୁଟିଦିବସୀୟ ବାଇବଲ ସ୍କୁଲଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଜୁନ ୨ ⇨ ୨୦୨୬-୨୭ ଶିକ୍ଷା ବର୍ଷ ନିମନ୍ତେ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ଆଡ୍‌ମିଶନ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୩ ⇨ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ରମାନଙ୍କର ଉତ୍କୃଷ୍ଟ ପରୀକ୍ଷା ଫଳ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଜୁନ ୪ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ନିରନ୍ତର ଆଶୀର୍ବାଦ ନିମନ୍ତେ ।

ଜୁନ ୫ ⇨ ଯଥା ସମ୍ଭବ ପ୍ରତ୍ୟେକ ମାର୍ଗରେ ଓ ପ୍ରତ୍ୟେକ ପରିମାଣରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ନିମନ୍ତେ ।

ଜୁନ ୬ ⇨ ପ୍ରାର୍ଥନା ଓ ଅର୍ଥ ସହାୟତା ମାଧ୍ୟମରେ ଆମର ସେବାକାର୍ଯ୍ୟକୁ ବିଶ୍ୱସ୍ତଭାବେ ଧରି ରଖିଥିବା ଆମର ସମର୍ଥକ, ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ନିମନ୍ତେ ।

ଜୁନ ୭ ⇨ ସମଗ୍ର ପୃଥିବୀର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସମସ୍ତ ସରକାରୀ ଅଧିକାରୀମାନଙ୍କ ନିମନ୍ତେ ।

ଜୁନ ୮ ⇨ ଆମେରିକା-ଇସ୍ରାଏଲ-ଇରାନ୍ ଯୁଦ୍ଧ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକ ଯେପରି ସେମାନଙ୍କର ଅତିଶୀଘ୍ର ସେମାନଙ୍କର କ୍ଷତିପୂରଣ ଓ ପୁନର୍ନିର୍ମାଣ କାର୍ଯ୍ୟ କରିପାରିବେ ।

ଜୁନ ୯ ⇨ ସମଗ୍ର ପୃଥିବୀରେ ଛୁଟୀ ଦିବସୀୟ ସ୍କୁଲଗୁଡ଼ିକରେ ଯୋଗ ଦେଇଥିବା ପିଲାମାନେ ଯେପରି ସେମାନଙ୍କର ବିଶ୍ୱାସରେ ବୃଦ୍ଧି ପାଇବେ ।

ଜୁନ ୧୦ ⇨ ଯେପରି ସମସ୍ତ ଯୁଦ୍ଧ ଶେଷ ହେବ ଓ ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେବ ।

ଜୁନ ୧୧ ⇨ ୨୦୨୬-୨୦୨୭ ଶିକ୍ଷାବର୍ଷ ପାଇଁ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ଜୁନ ୧୨ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ଜୁନ ୧୩ ⇨ ଆମର କାର୍ଯ୍ୟକାରୀ ଓ ସେମାନଙ୍କର ପରିବାରଗୁଡ଼ିକର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଜୁନ ୧୪ ⇨ ଖ୍ରୀଷ୍ଟିଆନ ଅନୁଷ୍ଠାନଗୁଡ଼ିକ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ ।

ଜୁନ ୧୫ ⇨ ଆମେ ଯେପରି ଆମର ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ଦୁର୍ଗମ ଅଞ୍ଚଳରେ ସୁସମାଚାର ପ୍ରଚାର କରିବାକୁ ସମର୍ଥ ହେବୁ ।

ଜୁନ ୧୬ ⇨ ଈଶ୍ୱର ଯେପରି ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ପାଇଁ ଆମକୁ ଶ୍ରେଷ୍ଠତର ଦର୍ଶନ ପ୍ରଦାନ କରିବେ ।

ଜୁନ ୧୭ ⇨ ସମଗ୍ର ପୃଥିବୀର ଯୁବା ଓ ପିଲାମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ ।

ଜୁନ ୧୮ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ, ସୁରକ୍ଷା ଓ ତାଜନା ନିମନ୍ତେ ।

....Contd. from page 4

## ୩. ଈଶ୍ୱରଙ୍କ ବାକ୍ୟ ଯେ କୌଣସି ସ୍ଥାନରେ ଜଣେ ମା'ଙ୍କୁ ଖୋଜି ପାଏ

ମୁଁ ଏହି ବିଷୟକୁ ଭଲପାଏ ଯେ ଆମେ ଯେଉଁଠାରେ ଥିଲେ ମଧ୍ୟ ଈଶ୍ୱର ଆମକୁ ଦେଖନ୍ତି । ଅବ୍ରହାମ ତମ୍ବୁର ବାହାରେ ଥିଲେ, ମାତ୍ର ସାରା ଭିତରେ ଥିଲେ । ତଥାପି ଈଶ୍ୱର ସେହି ସ୍ଥାନରେ କଥା କହିଥିଲେ ।

ସେହିପରି ଭାବରେ ଯୀଶୁ ଖ୍ରୀଷ୍ଟ ଡିମିରି ବୃକ୍ଷ ତଳେ ନିଥନିୟେଲଙ୍କୁ ଦେଖିଥିଲେ ।

ଈଶ୍ୱର ତମ୍ବୁରୁ ବାହାରି ଆସିବା ପାଇଁ ସାରାଙ୍କୁ କହି ନ ଥିଲେ । ସେ ଠିକ୍ ସେହିଠାରେ ତାଙ୍କ ସହିତ କଥା କହିଥିଲେ ଯେଉଁଠାରେ ସେ ଥିଲେ । ଆମେନ୍ ! ଆମେ ଯେଉଁଠାରେ ଥାଉ, ଈଶ୍ୱର ସେଠାରେ ଆମ ସହିତ କଥା କହନ୍ତି ।

ଆମ ମଧ୍ୟରୁ ଅଧିକାଂଶ ନିରନ୍ତର କୌଣସି ନା' କୌଣସି ବ୍ୟକ୍ତିଙ୍କର ଯତ୍ନ ନେଉ ନେଉ ଓ ଦାୟବରେ ଆମର ଦାୟିତ୍ୱ ବହନ କରୁ କରୁ ଲୁକ୍କାୟିତ, କାର୍ଯ୍ୟ ଦ୍ୱାରା ଭାରାକ୍ରାନ୍ତ ହୋଇଥାଉ ।

ତଥାପି ଈଶ୍ୱର ମା'ମାନଙ୍କୁ କଥା କହନ୍ତି :

- ରୋଷେଇ ଘରେ
- ଗାଡ଼ି ଭିତରେ
- କର୍ମସ୍ଥଳରେ
- ପ୍ରାର୍ଥନା କୋଠରୀରେ
- ଡାକ୍ତରଖାନା କୋଠରୀରେ
- ମଧ୍ୟରାତ୍ରିର ଅଶ୍ରୁରେ
- ନୀରବ ସଂଘର୍ଷରେ
- ଭଗ୍ନ ସ୍ୱପ୍ନଗୁଡ଼ିକ ମଧ୍ୟରେ ।

ଈଶ୍ୱରଙ୍କ ପ୍ରିୟ ସନ୍ତାନମାନେ, ଆଶା ଛାଡ଼ନ୍ତୁ ନାହିଁ । ଆପଣମାନେ ଯେଉଁଠାରେ ଥିଲେ ମଧ୍ୟ ସେ ଆପଣମାନଙ୍କୁ ଦେଖନ୍ତି । ଆପଣମାନେ ହୁଏତ ଆପଣମାନଙ୍କର ପରିବାରଠାରୁ, ଆପଣମାନଙ୍କର ବନ୍ଧୁମାନଙ୍କଠାରୁ, କିମ୍ବା ଜଗତଠାରୁ ଲୁକ୍କାୟିତ ରହିପାରନ୍ତି - ମାତ୍ର ଆପଣମାନେ ଈଶ୍ୱରଙ୍କଠାରୁ ଲୁକ୍କାୟିତ ରହିପାରିବେ ନାହିଁ । ସେ ଜଣେ ମାତାର କୋମଳ ପ୍ରେମ ଭଳି ଆମ ଉପରେ ଦୃଷ୍ଟି ରଖନ୍ତି ।

## ୪. ଈଶ୍ୱର ପ୍ରତିଜ୍ଞା ଆସିବା ପୂର୍ବରୁ ଜଣେ ମା'ର ହୃଦୟକୁ ପୁନରୁଦ୍ଧାର କରନ୍ତି ।



ସାରାଙ୍କ ହୃଦୟରେ ବିଶ୍ୱାସ ଜାତ କରାଇବାକୁ ପଡ଼ିଥିଲା ।

ସାରାଙ୍କ ଗର୍ଭରେ ଇସ୍‌ହାକ ଜନ୍ମ ହେବା ପୂର୍ବରୁ, ତାଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବାକୁ ପଡ଼ିଥିଲା । ସାରା ମାନବ ଜାତି ନିମନ୍ତେ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ପ୍ରତିଜ୍ଞାକୁ ବହନ କରିବାକୁ ଯାଉଥିଲେ । ଏହା ଘଟିବା ପୂର୍ବରୁ, ଈଶ୍ୱରଙ୍କୁ ତାଙ୍କ ହୃଦୟରେ କାର୍ଯ୍ୟ କରିବାକୁ ପଡ଼ିଥିଲା ।

ଈଶ୍ୱର ତାଙ୍କୁ ପଚାରିଥିଲେ, ''ସଦାପ୍ରଭୁଙ୍କ ପକ୍ଷେ କୌଣସି କାର୍ଯ୍ୟ କଷ୍ଟକର ଅଟେ କି ?''

ଏହା ସାମର୍ଥ୍ୟର ଏକ ପ୍ରଶ୍ନ ଥିଲା, ଏହା ନିକଟର ଏକ ପ୍ରଶ୍ନ ଥିଲା ।

ଈଶ୍ୱର କହୁଥିଲେ :

- ହେ ମା', ମୁଁ ତୁମର ହୃଦୟ ଆବଶ୍ୟକ କରେ ।
- ମୁଁ ତୁମର ଆଶାକୁ ଫେରାଇ ଆଣିବାକୁ ଚାହେଁ ।
- ତୁମର ବିଶ୍ୱାସ ଜାଗ୍ରତ ହେଉ ବୋଲି ମୁଁ ଆବଶ୍ୟକ କରେ ।
- ତୁମର ଆତ୍ମା ପୁଣିଥରେ ଉନ୍ମୁକ୍ତ ହେଉ ବୋଲି ମୁଁ ଆବଶ୍ୟକ କରେ ।
- ମୁଁ ଯେ ଅସମ୍ଭବ କାର୍ଯ୍ୟକୁ ସାଧନ କରିପାରେ, ଏହା ତୁମେ ବିଶ୍ୱାସ କରିବା ଆରମ୍ଭ କର ବୋଲି ମୁଁ ଚାହେଁ ।

ଈଶ୍ୱରଙ୍କର ପ୍ରିୟ ସନ୍ତାନମାନେ, ଆମେ ଯାହାକୁ ଆଉ ବିଶ୍ୱାସ କରୁ ନାହୁଁ, ତାହାକୁ ଆମେ ଜନ୍ମ ଦେଇ ପାରିବା ନାହିଁ ।

ଆମେ ଯେଉଁମାନେ ବାରମ୍ବାର ଓ ଦୀର୍ଘସ୍ଥାୟୀ ଆଘାତ ପାଇଥିବାରୁ ଆଶା ହରାଇ ଦେଇଛୁ ଓ ଜଡ଼ତା ଅନୁଭବ କରୁଛୁ, ସେମାନଙ୍କ ସହିତ ଈଶ୍ୱର କଥା କୁହନ୍ତି । ମୁଁ ଆପଣମାନଙ୍କୁ ଉତ୍ସାହିତ କରିବାକୁ ଚାହେଁ : ଆମେ ଯେପରି ତାଙ୍କ ଯୋଜନା ସହିତ ନିଜ ନିଜକୁ ମିଳିତ କରାଇବୁ, ଏହା ଈଶ୍ୱର ଅପେକ୍ଷା କରୁଥାଆନ୍ତି । ଯଦି ଆମର ଲକ୍ଷ୍ୟ ଈଶ୍ୱରଙ୍କ ଲକ୍ଷ୍ୟ ସହିତ ସମ୍ମିଳିତ ହୁଏ ନାହିଁ, ତେବେ ସେ ଆମ ଜୀବନରେ ଯାହା କରିବାକୁ ଇଚ୍ଛା କରନ୍ତି, ତାହା କରିପାରନ୍ତି ନାହିଁ ।

ଈଶ୍ୱର ଆମ କେତେ ଜଣଙ୍କର ଜୀବନରେ ଏବେ ମଧ୍ୟ କାର୍ଯ୍ୟ କରୁଛନ୍ତି । ନିରାଶ ହୋଇ ଈଶ୍ୱରଙ୍କୁ ସନ୍ଦେହ କରିବା ପରିବର୍ତ୍ତେ, ଈଶ୍ୱରଙ୍କ ପ୍ରତିଜ୍ଞାର ସଫଳତା ପାଇଁ ଅପେକ୍ଷା କରୁ କରୁ, ଆସନ୍ତୁ, ଆମେ ନିଜ ନିଜକୁ ପୁନର୍ବାର ପରୀକ୍ଷା କରିବା ଓ ତାଙ୍କ ଇଚ୍ଛା ସହିତ ଆମର ଜୀବନକୁ ସମ୍ମିଳିତ କରିବା ।

## ୫. ଈଶ୍ୱର ଜଣେ ମା'ର ସନ୍ଦେହକୁ ଜଣେ ମା'ର ଭାଗ୍ୟରେ ପରିଣତ କରନ୍ତି

ଏହି ମାସ, ମୁଁ ଏହି ପ୍ରାର୍ଥନା କରେ ଯେପରି ଈଶ୍ୱର ଆମର ସନ୍ଦେହକୁ ଆମର ଭାଗ୍ୟରେ ପରିଣତ କରିବେ । ସାରା ଦିନେ ଈଶ୍ୱରଙ୍କ ପ୍ରତିଜ୍ଞାରେ ସନ୍ଦେହ କରିଥିଲେ, ମାତ୍ର ଈଶ୍ୱର ନିରୂପିତ ସମୟରେ ପ୍ରତ୍ୟେକ ବିଷୟକୁ

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଥିଓଲୋଜିରେ ଡିପ୍ଲୋମା & Bachelor of Theology
Chepauk & Santhoshapuram, Velachery Chennai.
ମାଧ୍ୟମ - ତାମିଲ (ଆଂଶିକ ସମୟ) (ପୃଷ୍ଠପୋଷକତା ଉପଲବ୍ଧ)
ମାଧ୍ୟମ - ହିନ୍ଦୀ (ଆବାସିକ)
ଆଡ଼ମିଶନ ପାଇଁ ଶୀଘ୍ର ଆସନ୍ତୁ ! ଯୋଗାଯୋଗ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ସାକ୍ଷୀଗଣ (ପାଳକମାନେ) ।
୮. ବାର୍ଷିକ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ନେହେମିୟା ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ସଣ୍ଡେସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ଣ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ଣ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ଣ ଘ. ୧.୦୦ ।
୧୯. ତେଲୁଗୁ ଉପାସନା – ରବିବାର ଅପରାହ୍ଣ ଘ. ୪.୦୦ ।
୨୦. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ତାମିଲ ଓ ଇଂରାଜୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉଦ୍ଧାର ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ହିନ୍ଦୀ ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ. ୭.୦୦ ଘଟିକା ।
୨୫. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୬.୦୦ ।
୨୬. ଶିଶୁଙ୍କ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୭. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୮. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୯. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୩୦. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୧. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୩୨. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୩. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୪. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରି ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୫. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୬. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରି ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ ପାଠ୍ୟକ୍ରମ କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ପ୍ରସ୍ତୁତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ କରେସ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ସ୍ନାତକୋତ୍ତର ପ୍ରାର୍ଥୀମାନଙ୍କ ପାଇଁ ଉଚ୍ଚତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୬୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ପୋଷ୍ଟାର ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

The Chairman, Nehemiah Bible College,
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଧାରା – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | |
|---|---|
| **Account Name** | : ECHO OF HIS CALL EDUCATIONAL TRUST |
| **Account Number** | : 1023 2923 805 |
| **Bank Name** | : STATE BANK OF INDIA |
| **Branch** | : TRIPLICANE, CHENNAI - 600 005 |
| **IFSC Code** | : SBIN 0000249 |
| **SWIFT Code** | : SBI NIN BB 455 |



# ଗାର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"... ସଦାପ୍ରଭୁଙ୍କଠାରେ ଯେ ନିର୍ଭର କରେ, ସେ ଧନ୍ୟ"** (ହିତୋପଦେଶ ୧୬:୨୦) ।

ମୋ' ସେବାକାର୍ଯ୍ୟର ପ୍ରାରମ୍ଭିକ ବର୍ଷଗୁଡ଼ିକରେ, ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଖ୍ରୀଷ୍ଟିଆନ ପ୍ରଚାରକମାନେ କିପରି ଜୀବନ କାଟନ୍ତି, ସେମାନେ ସେମାନଙ୍କର ଆତ୍ମିକ ଜୀବନକୁ କିପରି ପ୍ରତିପୋଷଣ କରନ୍ତି ଓ ସେମାନଙ୍କର ସେବାକାର୍ଯ୍ୟକୁ କିପରି ପରିଚାଳନା କରନ୍ତି, ଏସବୁ ବୁଝିବା ପାଇଁ ମୋ' ଭିତରେ ଏକ ଗଭୀର ଇଚ୍ଛା ଜାଗ୍ରତ ହୋଇଥିଲା । କିନ୍ତୁ, ସେହି ଦିନଗୁଡ଼ିକରେ, ମୋ' ନିକଟରେ ଅର୍ଥ, ଲୋକ ସହାୟତା, ଏପରିକି ମୋ' ନିଜର ଆତ୍ମିକ ସାମର୍ଥ୍ୟରେ ବିଶ୍ୱାସର ଅଭାବ ଥିଲା ।

ଯେତେବେଳେ ମୁଁ ୧୯୮୯ରେ ମୋର ଡାଇରୀ ଲେଖୁଥିଲି, ସେତେବେଳେ ମୁଁ ଅଗଷ୍ଟ ମାସରେ ମାଲେସିଆ ଯିବି ବୋଲି ଲେଖୁଥିବା ଦେଖି ଆଶ୍ଚର୍ଯ୍ୟ ହେଲି । ଏହାପରେ ଅତିଶୀଘ୍ର, ମୁଁ ପ୍ରାୟ ତିନିମାସ ଧରି ଏ ବିଷୟରେ ସଂପୂର୍ଣ୍ଣ ଭାବରେ ଭୁଲି ଯାଇଥିଲି । ଦିନେ, ଯେତେବେଳେ ମୁଁ ଦୈବାତ୍ ମୋର ଡାଇରୀକୁ ପୁନର୍ବାର ଦେଖୁଥିଲି, ସେତେବେଳେ ମୁଁ ଏହା ଉପଲବ୍ଧି କରିଥିଲି ଯେ ମୁଁ ଯେଉଁ ତାରିଖ ଲେଖିଥିଲି, ତାହା ଅତି ଶୀଘ୍ର ନିକଟତର ହେଉଛି, ମୁଁ ଦ୍ୱନ୍ଦଗ୍ରସ୍ତ ହେଲି ଓ କ'ଣ କରିବାକୁ ହେବ, ତାହା ଜାଣି ନ ପାରି, ଏହି ବିଷୟକୁ ପ୍ରାର୍ଥନାରେ ପ୍ରଭୁଙ୍କୁ ସମର୍ପଣ କଲି :

> "କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ" (ଫିଲିପ୍ପୀୟ ୪:୬) ।

ଦିନ ପରେ ଦିନ ବିତିଗଲେ ମଧ୍ୟ କିଛି ଘଟିଲା ନାହିଁ । ମୁଁ ସଂପୂର୍ଣ୍ଣ ଭାବରେ ଜାଣିପାରିଲି ଯେ ମୁଁ ବାହାରକୁ ଯାଇ ପ୍ରଚାର କରିବା ପାଇଁ ଯୋଗ୍ୟ ନୁହେଁ । ତଥାପି, ମୁଁ ଈଶ୍ୱରଙ୍କଠାରେ ମୋ' ବିଶ୍ୱାସକୁ ହରାଇ ନ ଥିଲି ।

ସେହି ସମୟରେ, ମୁଁ ଏପରି ଜଣେ ଭାଇଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲି ଯିଏ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ପାଇଁ ପ୍ରାୟତଃ, ମାଲେସିଆ ଭଳି ଦେଶଗୁଡ଼ିକୁ ଯାତ୍ରା କରୁଥିଲେ । ମୁଁ ବାହାର ଦେଶକୁ ଯିବା ପାଇଁ ମୋର ଇଚ୍ଛା ବିଷୟରେ ତାଙ୍କୁ ଜଣାଇଲି । ସେ ଅଧିକ ବିଷୟ ଜଣାଇବା ପାଇଁ ଚେନ୍ନାଇସ୍ଥିତ ତାଙ୍କ ଗୃହକୁ ଆସିବା ପାଇଁ ମୋତେ ପରାମର୍ଶ ଦେଲେ । ତଦନୁସାରେ, ଦିନେ ଅତି ପ୍ରତ୍ୟୁଷରୁ, ମୁଁ ତାଙ୍କୁ ଦେଖା କରିବା ପାଇଁ ଏକ ଦୀର୍ଘ ପଥ ଅତିକ୍ରମ କରିଥିଲି । କିନ୍ତୁ ସେ ବ୍ୟସ୍ତ ଅଛନ୍ତି ବୋଲି କହି ମୋତେ ପରବର୍ତ୍ତୀ ଦିନ ଆସିବା ପାଇଁ ପ୍ରସ୍ତାବ ଦେଲେ । ଯେତେବେଳେ ମୁଁ ପୁଣିଥରେ ଗଲି, ସେତେବେଳେ ସେ ମୋତେ ତା' ପରଦିନ ଆସିବାକୁ କହିଲେ । ଏହା ପ୍ରାୟ ଗୋଟିଏ ମାସ ଧରି ଚାଲିଲା ଓ ଏହାଦ୍ୱାରା ମୋର ଯଥେଷ୍ଟ ସମୟ ଓ ଅର୍ଥ ବ୍ୟୟ ହେଲା । ଶେଷରେ, ସେ ମୋତେ ସାହାଯ୍ୟ କରିବାକୁ ଇଚ୍ଛା କରୁ ନାହାନ୍ତି ବୋଲି ମୁଁ ଉପଲବ୍ଧି କରିଥିଲି ।

ପରେ ସେ ମୋତେ ତୀକ୍ଷ୍ଣ ସ୍ୱରରେ କହିଥିଲେ, "ଆପଣ ମାଲେସିଆକୁ ଯାଇ ପାରିବେ ନାହିଁ । କେବଳ ମୋ' ଭଳି ପ୍ରତିଭାବାନ୍ ଓ ସମର୍ଥ ଲୋକମାନେ ସେଠାକୁ ଯାଇ ପାରନ୍ତି । ମାଲେସିଆରେ କେହି ଆପଣଙ୍କୁ ଗ୍ରହଣ କରିବେ ନାହିଁ । ମୋ' ପାଖକୁ ଆଉ ଆସନ୍ତୁ ନାହିଁ ।"

ଏହି ନିରୁତ୍ସାହ ସତ୍ତ୍ୱେ, ମୁଁ ମୋର ଆଶା ହରାଇ ନ ଥିଲି । ମୁଁ ପ୍ରାର୍ଥନା କରିବା ଅବ୍ୟାହତ ରଖିଥିଲି ଓ ଈଶ୍ୱରଙ୍କ ଇଚ୍ଛାର ପରିପ୍ରକାଶକୁ ଅପେକ୍ଷା କରୁଥିଲି ।

ଦୁଇ ସପ୍ତାହ ପରେ, ମୁଁ ମୋର କାର୍ଯ୍ୟାଳୟକୁ ଆସିଥିବା ପତ୍ରଗୁଡ଼ିକୁ ପଢୁଥିବା ସମୟରେ, ଗୋଟିଏ ପତ୍ର ମାଲେସିଆରୁ ଆସିଥିବାର ଦେଖିଲି । ଏହା ସ୍ୱର୍ଗତଃ ପାଷ୍ଟର ଦେବରାଜୁଲୁଙ୍କଠାରୁ ଆସିଥିଲା, ଯିଏ ସେତେବେଳେ ସେଠାରେ ପ୍ରଚାର କରୁଥିଲେ । ପତ୍ରରେ ଏହିପରି ଲେଖାଥିଲା :

*ଖ୍ରୀଷ୍ଟରେ ମୋର ଭାଇ.ସାମ୍.ସେଲଭାରାଜ୍,*

*ମୁଁ ପୁସ୍ତକ ପ୍ରିୟ ଅଟେ ଓ ଆଜି ମୁଁ ପୁରୁଣା ବହିସବୁ ବିକ୍ରି କରୁଥିବା ଗୋଟିଏ ଦୋକାନକୁ ଯାଇଥିଲି । କିଛି ଦରକାରୀ ବହି ଖୋଜୁଥିବା ସମୟରେ, ମୁଁ ଆପଣଙ୍କର ପତ୍ରିକା, "ଆହ୍ୱାନର ପ୍ରତିଧ୍ୱନି"ର ଗୋଟିଏ ଛିନ୍ନ ପତ୍ରିକା ପାଇଲି । ମୁଁ ଏହାକୁ ପଢ଼ିବା ମାତ୍ରେ, ପ୍ରଭୁ ମୋ' ସହିତ ପ୍ରତ୍ୟକ୍ଷଭାବେ କଥା କହୁଥିବାର ଅନୁଭବ କରିଥିଲି ।*

*ଦୟାକରି ମୋତେ ଆପଣଙ୍କର ପୂର୍ବ ସଂଖ୍ୟାର ପତ୍ରିକାଗୁଡ଼ିକୁ ପ୍ରେରଣ କରନ୍ତୁ, ମୁଁ ଡାକ ଖର୍ଚ୍ଚ ବହନ କରିବି । ମୁଁ ଆପଣଙ୍କ ସହିତ ବ୍ୟକ୍ତିଗତଭାବେ ସାକ୍ଷାତ୍ କରିବାକୁ ମଧ୍ୟ ଇଚ୍ଛା କରୁଛି । ମୁଁ ଏଠାରେ ମାଲେସିଆରେ ଆପଣଙ୍କର ରହିବା, ଖାଇବା ଓ ଯାତ୍ରା ଖର୍ଚ୍ଚ ମଧ୍ୟ ବହନ କରିବି ।*

*ଆହୁରି ମଧ୍ୟ, ଆପଣ ଯେପରି ସିଙ୍ଗାପୁର ଓ ଇଣ୍ଡୋନେସିଆରେ ପ୍ରଚାର କରିପାରିବେ, ଏଥିପାଇଁ ମୁଁ ସମସ୍ତ ପ୍ରକାରର ବ୍ୟବସ୍ଥା କରିଦେବି । ଆମେ ଆପଣଙ୍କ ଭଳି ଈଶ୍ୱରଙ୍କର ସେବକମାନଙ୍କୁ ଆବଶ୍ୟକ କରୁଛୁ । ଦୟାକରି ଯଥା ଶୀଘ୍ର ଉତ୍ତର ଦିଅନ୍ତୁ ।*

*ପ୍ରେମର ସହିତ,*
*ପାଷ୍ଟର ଦେବରାଜୁଲୁ*

ମୁଁ ମୋର ଡାଇରୀରେ ଯେପରି ଲେଖିଥିଲି, ସେହିପରି ମୁଁ ସ୍ୱର୍ଗତଃ ପାଷ୍ଟର ଦେବରାଜୁଲୁଙ୍କ ମାଧ୍ୟମରେ ୧୯୮୯ ଅଗଷ୍ଟ ମାସରେ ମାଲେସିଆ ଯିବା ପାଇଁ ସମର୍ଥ ହୋଇଥିଲି । ସେଠାରୁ, ମୁଁ ସିଙ୍ଗାପୁର ଓ ଇଣ୍ଡୋନେସିଆକୁ ମଧ୍ୟ ଯାତ୍ରା କରିଥିଲି । ସେଠାରେ ମୁଁ ପାପ, ଅଭିଶାପ, ଦାରିଦ୍ର୍ୟ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପ୍ରଦତ୍ତ ଉଦ୍ଧାର ବିଷୟରେ ଶହ ଶହ ଲୋକଙ୍କ ନିକଟରେ ପ୍ରଚାର କରିଥିଲି । ପ୍ରଭୁ ସେହି ଦେଶଗୁଡ଼ିକରେ ଅନେକ ପ୍ରଚାରକ ଓ ସେବକମାନଙ୍କ ସହିତ ସ୍ଥାୟୀ ବନ୍ଧୁତା ସ୍ଥାପନ କରିବା ପାଇଁ ମୋତେ ସାମର୍ଥ୍ୟ ଦେଇଥିଲେ – ସେହି ବନ୍ଧୁତା ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଛି ।

ପ୍ରଭୁ ନିଜର ପ୍ରଚୁର ଅନୁଗ୍ରହ ଦ୍ୱାରା ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ, କାନାଡା, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକୁ ଯାତ୍ରା କରିବା ପାଇଁ ମୋ' ନିମନ୍ତେ ଦ୍ୱାର ଉନ୍ମୁକ୍ତ କରିଥିଲେ ।

ମୁଁ ହଜାର ହଜାର ଲୋକଙ୍କ ନିକଟରେ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଚାର କରିବାର ସୁବିଧା ପାଇଥିଲି ।

ଆଜି, ମୁଁ ଏପରି ଅନେକ ଦେଶରୁ ନିମନ୍ତ୍ରଣ ପାଉଅଛି ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଦେଶକୁ ସମୟ ଅଭାବରୁ ଯାଇ ପାରୁ ନାହିଁ । ଏହି ପରିମାଣରେ ଈଶ୍ୱର ମୋତେ ଆଶୀର୍ବାଦ କରିଛନ୍ତି ।

ପ୍ରିୟ ପାଠକ ମୁଁ ଯେଉଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଘୋଷଣା କରେ, ସେ ସତ୍ୟ ଈଶ୍ୱର ଅଟନ୍ତି । ସେ ପଥ, ସତ୍ୟ ଓ ଜୀବନ ଅଟନ୍ତି । ତାଙ୍କଠାରେ ବିଶ୍ୱାସ କରନ୍ତୁ । ତାଙ୍କ ନିକଟକୁ ଆସନ୍ତୁ । ତାଙ୍କ ସେବା ପ୍ରତି ନିଜକୁ ସମର୍ପି ଦିଅନ୍ତୁ । ସେ ଆଶ୍ଚର୍ଯ୍ୟଜନକ ମାର୍ଗରେ ଆପଣଙ୍କୁ କଢ଼ାଇ ନେବେ ଓ ଆପଣଙ୍କ ଜୀବନକୁ ପ୍ରଚୁରଭାବେ ଆଶୀର୍ବାଦ କରିବେ ।

''ସେ ଶୈଳକୁ ଜଳାଶୟ, ଚକ୍‌ମକି ପ୍ରସ୍ତରକୁ ନିର୍ଝର କଲେ''
(ଗୀତସଂହିତା ୧୧୪:୮) ।

(ଶେଷ ପୃଷ୍ଠାର ଅବଶିଷ୍ଟାଂଶ)

ଓଲଟାଇ ଦେଇଥିଲେ । ଏହା ଆପଣମାନଙ୍କ ପାଇଁ ମଧ୍ୟ ନିରୂପିତ ସମୟ ହେଉ ବୋଲି ମୁଁ ପ୍ରାର୍ଥନା କରେ ।

ଆଦିପୁସ୍ତକ ୨୧:୬ରେ ଲେଖାଯାଇଛି ''...ପରମେଶ୍ୱର ମୋତେ ହସାଇଲେ, ଏହା ଶୁଣି ସମସ୍ତେ ମୋ' ସହିତ ହସିବେ ।''

◈ ଯେଉଁ ସ୍ତ୍ରୀମାନେ ଦିନେ ସନ୍ଦେହରେ ହସୁଥିଲେ, ସେମାନେ ବର୍ତ୍ତମାନ ତାଙ୍କର ସୌଭାଗ୍ୟରେ ହସିବେ ।

◈ ଯେଉଁ ମୁଖ ଦିନେ ଅବିଶ୍ୱାସରେ କୁତ୍ସାରଚନା କରୁଥିଲା, ତାହା ବର୍ତ୍ତମାନ ଏକ ସାକ୍ଷ୍ୟ ଘୋଷଣା କରିବ ।

◈ ଯେଉଁ ଗର୍ଭାଶୟ ଦିନେ ବନ୍ଧ୍ୟା ଥିଲା, ତାହା ବର୍ତ୍ତମାନ ପ୍ରତିଜ୍ଞା ବହନ କରିଥିଲା ।

ଈଶ୍ୱର –

- ତାଙ୍କର ଦୁଃଖକୁ ଆନନ୍ଦରେ ପରିଣତ କରିଥିଲେ ।
- ତାଙ୍କର ସନ୍ଦେହକୁ ବିଶ୍ୱାସରେ ପରିଣତ କରିଥିଲେ ।



- ତାଙ୍କର ନିରବତାକୁ ଆନନ୍ଦୋତ୍ସବରେ ପରିଣତ କରିଥିଲେ ।
- ତାଙ୍କର ଲୁକ୍କାୟିତ ହାସ୍ୟକୁ ଏକ ପ୍ରକାଶ୍ୟ ସାକ୍ଷ୍ୟରେ ପରିଣତ କରିଥିଲେ ।

ଈଶ୍ୱର ଆପଣଙ୍କ ନିମନ୍ତେ ଓ ମୋ' ନିମନ୍ତେ ଏହା ହିଁ କରନ୍ତି ।

ଯେତେବେଳେ ଏହି ମା'ମାନଙ୍କ ଜୀବନ ମଧ୍ୟରେ ଈଶ୍ୱର ପ୍ରବେଶ କରିଥିଲେ, ସେତେବେଳେ କିଛି ଅସାଧାରଣ ବିଷୟ ଘଟିଥିଲା ।

| | |
|---|---|
| ଯୀଶୁ ଖ୍ରୀଷ୍ଟଙ୍କର ମା' ମରିୟମ | ଏକ ତ୍ରାଣକର୍ତ୍ତାଙ୍କ ସମ୍ବନ୍ଧରେ ପ୍ରତିଜ୍ଞା । |
| ଶାମ୍‌ଶୋନଙ୍କ ମା' | ଜଣେ ଉଦ୍ଧାରକର୍ତ୍ତାଙ୍କ ସମ୍ବନ୍ଧରେ ପ୍ରତିଜ୍ଞା । |
| ଯୋହନଙ୍କ ମା' ଏଲିଶାବେଥ୍ | ଜଣେ ସଂସ୍କାରକଙ୍କ ସମ୍ବନ୍ଧରେ ପ୍ରତିଜ୍ଞା । |
| ଇସ୍‌ହାକ୍‌ଙ୍କ ମା' ସାରା | ଏକ ନୂତନ ଐତିହ୍ୟ ସମ୍ବନ୍ଧୀୟ ପ୍ରତିଜ୍ଞା । |

ପ୍ରିୟ ବନ୍ଧୁଗଣ, ଏପରି ମନେ ହୋଇପାରେ ଯେପରି ଈଶ୍ୱର ସେମାନଙ୍କ ଜୀବନ ମଧ୍ୟରେ ଅନ୍ତରାୟ ସୃଷ୍ଟି ବିଶୃଙ୍ଖଳା ଓ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲେ । ମାତ୍ର ସଠିକ୍ ସମୟରେ – ଈଶ୍ୱରଙ୍କର ନିରୂପିତ ସମୟରେ, ସେ ତାଙ୍କର ପ୍ରତିଜ୍ଞା ସଫଳ କରିଥିଲେ ।

ନିରୁତ୍ସାହିତ ହୁଅନ୍ତୁ ନାହିଁ । ଯଦି ସେ ସେମାନଙ୍କ ନିମନ୍ତେ ଏହା କରିପାରିଥିଲେ, ସେ ଆପଣମାନଙ୍କ ନିମନ୍ତେ ମଧ୍ୟ ତାହା କରିପାରିବେ ।

ଆପଣମାନେ ବର୍ତ୍ତମାନ ଯେଉଁଠାରେ ଅଛନ୍ତି, ଈଶ୍ୱର ଆପଣମାନଙ୍କୁ ଦେଖୁଛନ୍ତି ଓ ଶୁଣୁଛନ୍ତି । ଆପଣ ହୁଏତ ଏହି ଜଗତର ଦୃଷ୍ଟିରୁ ଲୁକ୍କାୟିତ ରହିପାରନ୍ତି ମାତ୍ର ଆପଣ ଆଦୌ ଈଶ୍ୱରଙ୍କ ଦୃଷ୍ଟିରୁ ଲୁକ୍କାୟିତ ନୁହଁନ୍ତି ।

ଈଶ୍ୱର ଆପଣମାନଙ୍କୁ ଉନ୍ମୋଚନ କରିବା ପାଇଁ ନୁହେଁ, ମାତ୍ର ଆପଣମାନଙ୍କୁ ଶକ୍ତିଯୁକ୍ତ କରିବା ପାଇଁ ଆପଣମାନଙ୍କର ଲୁକ୍କାୟିତ ସ୍ଥାନଗୁଡ଼ିକୁ ଖୋଳି ବାହାର କରୁଛନ୍ତି । ସେ ସାରାଙ୍କୁ ଯେଉଁ ପ୍ରଶ୍ନ ପଚାରିଥିଲେ, ଆପଣମାନଙ୍କୁ ମଧ୍ୟ ସେହି ପ୍ରଶ୍ନ ପଚାରୁଛନ୍ତି ।

''ସଦାପ୍ରଭୁଙ୍କର ଆଶ୍ଚର୍ଯ୍ୟ (କଷ୍ଟକର) କେଉଁ କାର୍ଯ୍ୟ ?'' ଆଜି, ଆମର ବିଶ୍ୱାସ ପୁନର୍ଜୀବିତ ହେଉ ।

## ବିଜ୍ଞାପନ

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୫୮),
(୯୧-୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ


# NEHEMIAH BIBLE COLLEGE

AN *ECHO OF HIS CALL* INSTITUTION (RESIDENTIAL-HINDI & EVENING-TAMIL)

**26th GRADUATION SERVICE** on 4rd July, 2026 Saturday, 5:00 P.M.



Special Guest :
REV. DR. S.J. KINGSLEY,
(COO, JESUS CALLS)

at Skidmore Hall,
Balar Kalvi Nilayam Hall, M.R.C. Centre,
5/6, Ritherdon Road,
Vepery, Chennai - 600 007.

Pray and Participate!

* Admissions started for the year 2026-2027!
* Please recommend deserving students!!
* Scholarship available for Residential male Hindi students!!!
* Classes for the academic year 2026-27 will commence on 01.06.2026!!!!

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th MAY 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**